# NATIONAL NEWS BULLETIN (ODIA)
## 16 August - 2024
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଦେଶ ।
- ଭାରତ ଆସନ୍ତାକାଲି ଆୟୋଜନ କରିବ ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ ।
- କୋଲକାତା ଆର୍.ଜି. କର ମେଡିକାଲ କଲେଜ ଘଟଣାରେ ୨୪ ଘଣ୍ଟିଆ ଅଣ-ଜରୁରୀକାଳୀନ ସେବା ବନ୍ଦ ଘୋଷଣା କଲା ଭାରତୀୟ ମେଡିକାଲ୍ ସଂଘ ।
- ଇସ୍ରୋ ଆଜି ଉତ୍କ୍ଷେପଣ କରିବ 'ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ' ।

ଏବଂ

- ଜାପାନରେ ସାମୁଦ୍ରିକ ଝଡ଼ ଆମ୍ପିଲ୍ ଅତ୍ୟନ୍ତ ଶକ୍ତିଶାଳୀ ବାତ୍ୟାରେ ପରିଣତ ହୋଇଛି ।

# ପିଏମ୍-ଅଟଳ

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆଜି ଦେଶ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ନୂଆଦିଲ୍ଲୀସ୍ଥିତ ଅଟଳ ବିହାରୀ ବାଜପେୟୀଙ୍କ ସମାଧି ସଦୈବ ଅଟଳଠାରେ ଏକ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି।

# ବୈଦେଶିକ ମନ୍ତ୍ରଣାଳୟ

ଭାରତ ଆସନ୍ତାକାଲି ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ ଆୟୋଜନ କରିବ। ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ସ୍ଥାୟୀ ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଗ୍ଲୋବାଲ୍ ସାଉଥ୍'। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ପୂର୍ବ ଶିଖର ସମ୍ମିଳନୀରେ ବିଭିନ୍ନ ଜଟିଳ ବିଶ୍ୱସ୍ତରୀୟ ଆହ୍ୱାନ ଉପରେ ଆଲୋଚନା କରାଯିବ। ଏହି ଆହ୍ୱାନଗୁଡ଼ିକ ମଧ୍ୟରେ ସଂଘର୍ଷ, ଖାଦ୍ୟ ଓ ଶକ୍ତି ନିରାପତ୍ତା ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନର ବିଶ୍ୱବ୍ୟାପୀ ପ୍ରଭାବ ଅନ୍ତର୍ଭୁକ୍ତ । ଏହି ସମ୍ମିଳନୀରେ ଗ୍ଲୋବାଲ ସାଉଥର ଦେଶଗୁଡ଼ିକ ଅଳ୍ପ ବିକଶିତ ଓ ବିକାଶଶୀଳ ଦେଶମାନଙ୍କର ସମସ୍ୟାର ଆହ୍ୱାନ, ପ୍ରାଥମିକତା ଏବଂ ସମାଧାନ, ବିଶେଷ କରି ବିକାଶ କ୍ଷେତ୍ରରେ ଆଲୋଚନା କରିବେ। ପୂର୍ବ ଦୁଇଟି ଶିଖର ସମ୍ମିଳନୀ ଭଳି ଏହି ସମ୍ମିଳନୀ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହେବ

ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ଜଣେ ରାଷ୍ଟ୍ରମୁଖ୍ୟ ଏବଂ ସରକାରୀ ସ୍ତରର ମୁଖ୍ୟ ରହିବେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଆୟୋଜନ କରିବେ।

ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ଭଳି ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ବିସ୍ତାର କରି ଏକ ନିଆରା ପଦକ୍ଷେପ ଆରମ୍ଭ କରାଯାଇଛି । ଏହି ଆଭିମୁଖ୍ୟ ଭାରତର ବସୁଧୈବ କୁଟୁମ୍ବକମ ଭାବନା ସହିତ ସଂଯୁକ୍ତ । ସର୍ବନିମ୍ନ ବିକଶିତ ଏବଂ ବିକାଶଶୀଳ ଦେଶମାନଙ୍କୁ ଏକ ସମାନ ପ୍ଲାଟଫର୍ମରେ ଏକାଠି କରି ସମସ୍ତ ପ୍ରସଙ୍ଗ ସମ୍ପର୍କିତ ସମ୍ବନ୍ଧୀୟ ପସନ୍ଦ ଏବଂ ମତ ଆଦାନପ୍ରଦାନ ପାଇଁ ଏହା ପରିକଳ୍ପନା କରାଯାଇଛି ।

## ଆଇଏମ୍‌ଏ

କୋଲକାତାର ସରକାରୀ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ପ୍ରଶିକ୍ଷଣପ୍ରାପ୍ତ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଏବଂ ପରେ ଭଙ୍ଗାରୁଜା ଘଟଣାର ପ୍ରତିବାଦରେ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ଆସନ୍ତାକାଲି ସକାଳ ୬ଟାରୁ ସାରା ଦେଶରେ ଅଣ-ଜରୁରୀକାଳୀନ ସେବାକୁ ୨୪ ଘଣ୍ଟିଆ ବନ୍ଦ କରିବାକୁ ଘୋଷଣା କରିଛି। ସମସ୍ତ ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବା ଜାରି ରହିବ ବୋଲି ମେଡିକାଲ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ।

ସମସ୍ତ ବାହ୍ୟ ବିଭାଗ (ଓପିଡି) ବନ୍ଦ ରହିବ ଏବଂ କୌଣସି ଅସ୍ତ୍ରୋପଚାର କରାଯିବ ନାହିଁ ବୋଲି ଆଇଏମ୍ଏ କହିଛି। ଆଇଏମ୍ଏ, ରାଜ୍ୟ ୟୁନିଟ୍ ଗୁଡ଼ିକ ସହ ବୈଠକ ପରେ ସାରା ଦେଶରେ ଅଣ-ଜରୁରୀକାଳୀନ ଚିକିତ୍ସା ସେବା ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଆଇଏମ୍ଏ ମଧ୍ୟ କୋଲକାତା ଡାକ୍ତରଖାନାରେ ହୋଇଥିବା ଭଙ୍ଗାରୁଜାକୁ ନିନ୍ଦା କରିଛି।

# ରାଷ୍ଟ୍ରପତି

୭୮ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଏକ ଭୋଜିର ଆୟୋଜନ କରିଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଜେପି ନଡ୍ଡା, ଡ. ଏସ୍ ଜୟଶଙ୍କର, ଅଶ୍ୱିନୀ ବୈଷ୍ଣବ, ପୀୟୂଷ ଗୋୟଲ, ଶିବରାଜ ସିଂହ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ଦୁଇ ଦିନିଆ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ। ଗସ୍ତର ପ୍ରଥମ ଦିନରେ ସେ ହାଇଦ୍ରାବାଦର କାହ୍ନା ଶାନ୍ତି ବନମ ପରିଦର୍ଶନ କରିବେ।

ଦ୍ୱିତୀୟ ଦିନରେ ଉପରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ନେଲ୍ଲୋରସ୍ଥିତ ଅକ୍ଷରା ବିଦ୍ୟାଳୟ କ୍ୟାମ୍ପସ ଓ ଦକ୍ଷତା ବିକାଶ କେନ୍ଦ୍ର, ସ୍ୱର୍ଣ୍ଣ ଇଣ୍ଡିଆ ଟ୍ରଷ୍ଟ ଏବଂ ମୁପ୍ପାଭାରାପୁ ଫାଉଣ୍ଡେସନ ପରିଦର୍ଶନ କରିବେ। ଏହାପରେ ଭେଙ୍କଟଚାଲମ୍ ଠାରେ ସ୍ୱର୍ଣ୍ଣ ଇଣ୍ଡିଆ ଟ୍ରଷ୍ଟର ୨୩ତମ ବାର୍ଷିକ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ଷ୍ଟ୍ରାଇକ୍-କୋଲକାତା

କୋଲକାତା ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଗତକାଲି ଆନ୍ଦୋଳନରତ ଡାକ୍ତର ଓ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଆଜି କମ୍ୟୁନିଷ୍ଟ ସୋଶାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ ପକ୍ଷରୁ ୧୨ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ଅପରାହ୍ନ ୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମଗ୍ର ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ରାସ୍ତା ଅବରୋଧ ଡାକରା ମଧ୍ୟ ଦେଇଛି। ଆଜି

ଧୀକ୍କାର ଦିବସ ପାଳନ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ-ଲେନିନବାଦୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଆର.ଜି. ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରୁଛନ୍ତି । ମମତା ବାନାର୍ଜୀଙ୍କ ପାଖରେ ରାଜ୍ୟର ଗୃହ ଓ ସ୍ୱାସ୍ଥ୍ୟ ବିଭାଗ ରହିଛି।

## ଆର୍‌ଜି କଲେଜ୍

ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଗତକାଲି ରାତିରେ ହୋଇଥିବା ଭଙ୍ଗାରୁଜା ଘଟଣାରେ ଚିହ୍ନଟ ହୋଇଥିବା ୨୬ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ନିର୍ମମ ଭାବେ ହତ୍ୟା ଘଟଣାର ତଦନ୍ତ ପାଇଁ ସିବିଆଇର ଏକ ଟିମ୍ ଆର୍ ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚିଛି। ସିବିଆଇର ଅନ୍ୟ ଏକ ଟିମ୍ ଉତ୍ତର ୨୪ ପ୍ରଗଣାର ସୋଡେପୁରସ୍ଥିତ ପୀଡ଼ିତାଙ୍କ ପିତାମାତାଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ।

ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଷ୍କର୍ମ ଓ ହତ୍ୟା ମାମଲାରେ ୮ ଜଣ ଡାକ୍ତରଙ୍କୁ ପଚରାଉଚରା କରାଯାଇଛି। ଶବ ବ୍ୟବଚ୍ଛେଦରେ ସମ୍ପୃକ୍ତ ଥିବା ୩ ଜଣ ଡାକ୍ତରଙ୍କୁ ମଧ୍ୟ ପଚରାଉଚରା

କରାଯାଇଥିଲା । ସିବିଆଇ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧୀକ୍ଷକ ଡାକ୍ତର ସଞ୍ଜୟ ବଶିଷ୍ଠ ଏବଂ ଛାତି ବିଭାଗ ମୁଖ୍ୟ ଡାକ୍ତର ଅରୁଣାଭ ଦତ୍ତଙ୍କୁ ସିଜିଓ କମ୍ପ୍ଲେକ୍ସସ୍ଥିତ କାର୍ଯ୍ୟାଳୟରେ ପଚରାଉଚରା କରିଥିବା ଜଣାପଡ଼ିଛି ।

## ମହିଳା ମୋର୍ଚ୍ଚା-କ୍ୟାଣ୍ଡେଲ ଶୋଭାଯାତ୍ରା

କୋଲକାତାରେ ଗତ ସପ୍ତାହରେ ଆର୍.ଜି.କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଜଣେ ମହିଳା କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ଆଜି ବିଜେପି ମହିଳା ମୋର୍ଚ୍ଚା କୋଲକାତାରେ ଏକ ନୀରବ କ୍ୟାଣ୍ଡେଲ ଶୋଭାଯାତ୍ରା କରିବ । ସନ୍ଧ୍ୟା ୬ଟାରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ବନତି ଶ୍ରୀନିବାସନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରୁ ବାହାରିବ। ଏହି ବୈଠକରେ ଦଳର ରାଜ୍ୟସଭା ସଦସ୍ୟ ଦର୍ଶନ ସିଂହ, ପଶ୍ଚିମବଙ୍ଗ ପ୍ରଭାରୀ ପୂଜା କପିଲ ମିଶ୍ରଙ୍କ ବ୍ୟତୀତ ସଙ୍ଗୀତା ଯାଦବ, ଗୀତା ଶାକ୍ୟ ଓ ଇନ୍ଦୁବାଳା ଗୋସ୍ୱାମୀଙ୍କ ଭଳି ରାଷ୍ଟ୍ରୀୟ ପଦାଧିକାରୀ ମାନେ ଯୋଗଦେବେ ।

ସେପଟେ ଏହି ଘଟଣାକୁ ବିରୋଧ କରି ଆଜି ବିଜେପି ରାଜ୍ୟ ଶାଖା ସେଠାକାର ସମସ୍ତ ସରକାରୀ ପ୍ରତିଷ୍ଠାନରେ ଦୁଇ ଘଣ୍ଟିଆ ବନ୍ଦ ଡାକରା ଦେଇଛି । ବିଜେପି ପକ୍ଷରୁ ଆଜି ଅପରାହ୍ନ ୨ଟାରୁ ସମସ୍ତ ଜିଲ୍ଲାରେ ରାସ୍ତାରୋକ କରାଯିବ ବୋଲି ସୂଚନା ମିଳିଛି ।

## ଇସ୍ରୋ-ଉପଗ୍ରହ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ଆଜି ନିଜର କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ଯାନ ଏସ୍ଏସ୍ଏଲ୍ଭି ମାଧ୍ୟମରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଉତ୍କ୍ଷେପଣ କରିବ। ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସକାଳ ୯ଟା ୧୭ମିନିଟରେ ଏହି ଉତ୍କ୍ଷେପଣ କରାଯିବ। ଏହା ଦ୍ୱାରା କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ଯାନର ବିକାଶ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ଏବଂ ଏହା କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ପାଇଁ ସେବା ଯୋଗାଇଦେବା ଲାଗି ସମ୍ପୂର୍ଣ୍ଣ ସକ୍ଷମ ହେବ ।

ପିଏସ୍ଏଲ୍ଭି ଠାରୁ ୧୦ ମିଟର ଛୋଟ ଏସ୍ଏସ୍ଏଲଭିକୁ ଛୋଟ, ହାଲୁକା ଓଜନ ଏବଂ ନାନୋ ଉପଗ୍ରହକୁ ପୃଥିବୀର ନିମ୍ନ କକ୍ଷପଥକୁ ଉତ୍କ୍ଷେପଣ କରିବା ପାଇଁ ବ୍ୟବହାର କରାଯିବ ।

ମହାକାଶକୁ ବହୁ କମ୍ ମୂଲ୍ୟର ଉପଗ୍ରହ ଉତ୍କ୍ଷେପଣ କରିବା ଏବଂ ସର୍ବନିମ୍ନ ଉତ୍କ୍ଷେପଣ ଭିତ୍ତିଭୂମି ସହିତ ଉତକ୍ଷେପଣ ଅଭିଯାନ ଆରମ୍ଭ କରିବାରେ ଏସ୍ଏସ୍ଏଲ୍ଭି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏସ୍ଏସ୍ଏଲ୍ଭିର ମୂଲ୍ୟ ପିଏସ୍ଏଲ୍ଭି ତୁଳନାରେ ପ୍ରାୟ ୨୦% ରୁ ୩୦% କମ୍ ଅଟେ ।

## ଜୟଶଙ୍କର-କୁଏତ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଚଳିତ ମାସ ୧୮ ତାରିଖରେ କୁଏତ ଗସ୍ତରେ ଯିବେ। ଏହି ସମୟରେ ସେ ଦେଶର ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଅଲ୍ଲୀ ଅଲ୍ ୟାହିୟାଙ୍କୁ ସାକ୍ଷାତ କରିବେ। ଏହି ଗସ୍ତ କାଳରେ ଡକ୍ଟର ଜୟଶଙ୍କର କୁଏତର ଅନ୍ୟ ନେତାମାନଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଏହି ଗସ୍ତ ଉଭୟ ପକ୍ଷଙ୍କୁ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ନିରାପତ୍ତା, ସଂସ୍କୃତି, ଦୂତାବାସ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବାର ସୁଯୋଗ ପ୍ରଦାନ କରିବ । ଉଭୟ ଦେଶ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ।

# ଇଣ୍ଡିଆ-ଗୁଗୁଲ୍

ଭାରତ ସମେତ ୬ଟି ନୂଆ ଦେଶରେ ନିଜର 'ଏଆଇ ଓଭର୍ ଭିୟୁଜ୍' ବୈଶିଷ୍ଟ୍ୟ ପ୍ରଚଳନ କରିବାକୁ ଗୁଗଲ୍ ଘୋଷଣା କରିଛି। ଭାରତରେ କମ୍ପାନୀ ଇଂରାଜୀ ଏବଂ ହିନ୍ଦୀରେ 'ଏଆଇ ଓଭର୍ ଭିୟୁଜ୍' ଆରମ୍ଭ କରୁଛି, ଯାହା ସର୍ଚ୍ଚ ଲ୍ୟାବ୍ସ ପରୀକ୍ଷଣ ସମୟରେ ବେଶ୍ ପ୍ରଶଂସିତ ହୋଇଥିଲା । ଏହି ୬ଟି ନୂଆ ଦେଶ ହେଉଛି ଭାରତ, ବ୍ରିଟେନ, ଜାପାନ, ଇଣ୍ଡୋନେସିଆ, ମେକ୍ସିକୋ ଓ ବ୍ରାଜିଲ ଏବଂ ପ୍ରତ୍ୟେକ ଦେଶରେ ସ୍ଥାନୀୟ ଭାଷାରେ ଏହା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି । ପ୍ରଡକ୍ଟ ମ୍ୟାନେଜମେଣ୍ଟର ବରିଷ୍ଠ ନିର୍ଦ୍ଦେଶକ ହେମା ବୁଡାରାଜୁ କହିଛନ୍ତି, ଭାରତୀୟ ଉପଭୋକ୍ତାମାନେ ଅନ୍ୟ ଦେଶ ତୁଳନାରେ ଅଧିକ ଥର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରନ୍ତି ।

# ସାଇକ୍ଲୋନ୍-ଜାପାନ୍

ଜାପାନରେ ସାମୁଦ୍ରିକ ଝଡ଼ ଆମ୍ପିଲ୍ ଅତ୍ୟନ୍ତ ଶକ୍ତିଶାଳୀ ବାତ୍ୟାରେ ପରିଣତ ହୋଇଛି। ଆଜି ଏହା କାଣ୍ଟୋର ପୂର୍ବାଞ୍ଚଳ ଏବଂ ଆସନ୍ତାକାଲି ଉତ୍ତର-ପୂର୍ବାଞ୍ଚଳ ତୋହୋକୁରେ ପହଞ୍ଚିବାର ସମ୍ଭାବନା ରହିଛି। ଗତ ରାତିରୁ କାଣ୍ଟୋ, ଇଜୁ ଦ୍ୱୀପ ଏବଂ ୟାମାନାଶି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି । ବାତ୍ୟା ଗତି କରୁଥିବା ଅଞ୍ଚଳ ଗୁଡ଼ିକରେ

ଲୋକମାନେ ସୁରକ୍ଷିତ ସ୍ଥାନକୁ ଯିବା ସହ ପ୍ରବଳ ପବନ, ଉଚ୍ଚ ଲହରୀ ଓ ଭୂସ୍ଖଳନରୁ ରକ୍ଷା ପାଇବା ପାଇଁ ପ୍ରସ୍ତୁତ ରହିବା ନେଇ ପାଣିପାଗ ବିଭାଗର ଅଧିକାରୀମାନେ ପୂର୍ବାନୁମାନ କରିଛନ୍ତି । ଆଜି ଭୋର ୪ଟା ସୁଦ୍ଧା ସାମୁଦ୍ରିକ ଝଡ଼ ଆମ୍ଫିଲ୍ ପ୍ରଶାନ୍ତ ମହାସାଗରର ହାଚିଜୋଜିମା ଦ୍ୱୀପଠାରୁ ୧୦୦ କିଲୋମିଟର ପୂର୍ବ-ଦକ୍ଷିଣ-ପୂର୍ବଦିଗରେ କେନ୍ଦ୍ରିଭୂତ ରହିଛି ।